# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 780 CUTTACK, SATURDAY, APRIL 20, 2019/CHAITRA 30, 1941**


**ଜିଲ୍ଲାପାଳ କାର୍ଯ୍ୟାଳୟ, କଟକ**

**ଘୋଷଣା**

No.76--SPL-LAO-RLY-16/18, dated the 22nd March 2019

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୨) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା ନିର୍ଗୁଣ୍ଡି, ଥାନା- ଚୌଦ୍ୱାର, ତହସିଲ-ଟାଙ୍ଗୀ-ଚୌଦ୍ୱାର, ଜିଲ୍ଲା- କଟକ ରେ ନିମ୍ନ ସୂଚୀତ 'କ ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶାଳଗାଁ-ବୁଢାପଙ୍କ-ତାଳଚେର-ଝାରପଡା ୩ୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା Spl. Rly.- 1/18-103 ତା.27.03.2018 ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା ନିର୍ଗୁଣ୍ଡି, .ଥାନା-. ଚୌଦ୍ୱାର., ଜିଲ୍ଲା-କଟକ., ନିମନ୍ତେ, ବିସ୍ଥାପିତ ପରିବାର ଥିବାରୁ, କମିଶନର-ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ର ସାରମର୍ମ, ଏଥି ସହିତ ସଂଲଗ୍ନ କରାଗଲା (ପ୍ରଯୁଜ୍ୟ ନୁହେଁ) ।

କିମ୍ବା

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ନିର୍ଗୁଣ୍ଡି, ଥାନା- ଚୌଦ୍ୱାର, ତହସିଲ- ଟାଙ୍ଗୀ-ଚୌଦ୍ୱାର, ଜିଲ୍ଲା- କଟକ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମି କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟରେ ସର୍ବସାଧାଣଙ୍କ ଅବଲୋକନ ପାଇଁ ଅପଲୋଡ୍‌ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଶାଳଗାଁ-ବୁଢାପଙ୍କ-ତାଳଚେର-ଝାରପଡା ୩ୟ ଓ ୪ର୍ଥ ରେଳ ପ୍ରକଳ୍ପ, ଚଣ୍ଡିଖୋଲ, ( ନୂଆ ସୁଙ୍ଗୁଡା)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ- କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ............... ତହସିଲ.................

| ଗ୍ରାମର ନାମ | ଗ୍ରାମା ଳ/ ସହରା ଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| | ଏଥିସହ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି | | | | | | |

ଉକ୍ତ ଅଧି ସୂଜୀତ ଜମି ରକବା ମଧ୍ୟରୁ ଏ. ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଧିଷ୍ଟ ।(ପ୍ରଯୁଜ୍ୟ ନୁହେଁ)

ତଫସିଲ-ଖ

(ପୁର୍ନବାସ ନିମି ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ............... ତହସିଲ.................

| ଗ୍ରାମର ନାମ | ଗ୍ରାମା ଳ/ ସହରା ଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ ର ମୋଟ ରକବା | ପୁନର୍ବସ ନିମି ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| | ପ୍ରଯୁଜ୍ୟ ନୁହେଁ | | | | | | |

ଅଧିସୂଚନାର ବୈଧ ତାରିଖ.୨୭.୦୪.୨୦୧୯.

| **ବେସରକାରୀ ଜମିର ତାଲିକା** | | | | | | |
|---|---|---|---|---|---|---|
| **ପୂର୍ବତଟ ରେଳପଥର ସାଳଗାଁ-ବୁଢାପଙ୍କ-ତାଳଚେର-ଝାରପଡା(ଜିଲ୍ଲା-କଟକ) ୩ୟ ଓ ୪ର୍ଥ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ** | | | | | | |
| **ଗ୍ରାମ : ନିର୍ଗୁଣ୍ଡି, ତହସିଲ: ଟାଙ୍ଗି-ଚୌଦ୍ୱାର, ଥାନା : ଚୌଦ୍ୱାର, ଥାନା ନଂ: ୭୪, ଜିଲ୍ଲା : କଟକ** | | | | | | |
| **ଏ.ବ୍ୟକ୍ତିଗତ ଜମି** | | | | | | |
| **କ୍ରମିକ ନଂ** | **୧** | **୨** | **୩** | **୪** | **୫** | **୬** |
| | **ଖତିୟାନ ନଂ** | **ପ୍ଲଟ ନଂ** | **ରକବା** | **ଅଧିଗ୍ରହଣ ରକବା** | **କିସମ** | **ଅଭିଲିଖିତ ରୟତ ନାମ** |

| | | | | | | |
|---|---|---|---|---|---|---|
| ୧ | ୧୨୬ | ୫୭ | ୧.୫୪୦ | ୦.୩୭୯ | ଶାରଦ ଅଣ ଜଳସେଚିତ-୨ | ଶ୍ରୀ ଗୋପିନାଥ ଜିଉ ଠାକୁର ବିଜେ ଅଲାରପୁର ମାର୍ଫତ ମହନ୍ତ ଲକ୍ଷ୍ମୀନାରାୟଣ ଦାସ, ପି: ଗୁରୁ ମହନ୍ତ ତିର୍ଥାନନ୍ଦ ଦାସ, ଜା: ଲେହେଙ୍ଗି ବୈଷ୍ଣବ, ବା: ଅଲାରପୁର, ସାମିଲି ପଣ୍ଚୁଆ |
| ୨ | ୮୬ | ୫୮ | ୦.୧୦୦ | ୦.୧୦୦ | ଶାରଦ ଅଣ ଜଳସେଚିତ-୨ | ବଂଶୀଧର ମହାନ୍ତି, ପି: ମହେଶ୍ୱର ମହାନ୍ତି, ଜା: ଖଣ୍ଡାୟତ, ବା: ଗରୁଡଗାଁ |
| ୩ | ୮୮ | ୫୯ | ୦.୦୩୦ | ୦.୦୩୦ | ଶାରଦ ଅଣ ଜଳସେଚିତ-୨ | ବଂଶୀଧର ମହାନ୍ତି, ଗଣେଶ ମହାନ୍ତି, ପି: ମୁରଲୀଧର ମହାନ୍ତି, ଜା: ଖଣ୍ଡାୟତ, ବା:ନିଜଗାଁ |
| ୪ | ୨୬ | ୬୦ | ୦.୦୭୦ | ୦.୦୭୦ | ଶାରଦ ଅଣ ଜଳସେଚିତ-୨ | କୁଶ ମହାନ୍ତି,ପି: ନିଳାଦ୍ରି ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| **ମୋଟ** | | | | **୦.୫୭୯** | | |

ରାଜ୍ୟପାଳଙ୍କ ଆଦେଶକ୍ରମେ

ଅରବିନ୍ଦ ଅଗ୍ରୱାଲ

ଜିଲ୍ଲାପାଳ, କଟକ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz.111—173+15